ଶନିବାର, ୧୮ ଜାନୁଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years



# ଖେଳି ଖେଳି ହସ

ଶିକ୍ଷକ କ୍ଲାସ୍‌ରେ ପଢ଼ାଇବା ସମୟରେ ପିଲାଙ୍କୁ ପଚାରିଲେ– ଆଚ୍ଛା ପିଲାଏ! କହିଲ, ସବୁଠାରୁ ଅଧିକ ବର୍ଷା କେଉଁଠାରେ ହୁଏ ?

ବହୁତ ଭାବିଲା ପରେ ରଘୁ କହିଲା– ସାର୍, ମାଟିରେ ହୁଏ !

ଜଣେ ଭଦ୍ର ବ୍ୟକ୍ତି ପିଲାଟିକୁ ପଚାରିଲେ, ଫ୍ରି ଟାଇମ୍‌ରେ କ'ଣ କରୁ ?
ପିଲା– ଅଙ୍କଲ, ମୁଁ ମୋବାଇଲରେ ଚାର୍ଜ ବସାଏ ।
ଅଙ୍କଲ: ଫ୍ରି କେତେବେଳେ ହେଉ ?
ପିଲା– ଯେତେବେଳେ ଫୋନ୍‌ର ବ୍ୟାଟେରି ସରିଯାଏ ।

ଦୁଇ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା ।
ପ୍ରଥମ ସାଙ୍ଗ: ବୁଝିଲୁ ସାଙ୍ଗ, ଶୀତ ଏବେ ବେଶି ହେଉଛି ।
ଦ୍ୱିତୀୟ ସାଙ୍ଗ– ହଁ ସାଙ୍ଗ, ଏତେ ଜୋର୍‌ରେ ଶୀତ ହେଉଛି ଯେ ମଶା ଆସି ମୋ କାନରେ କହୁଛି, ମୋତେ ପ୍ଲିଜ୍ କମ୍ବଳ ଭିତରେ ଟିକେ ଶୋଇବାକୁ ଦିଅ, ମୁଁ ତୁମକୁ ଜମା ବି କାମୁଡ଼ିବିନି ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# 'ଏସି'ର ନାଁ ଉଇଣ୍ଟର

ପବନ ବହୁଛି କୁଲ୍‌କୁଲ୍। ଭାରି ଥଣ୍ଡା ଲାଗୁଛି। ଖରାଦିନେ ଏମିତି ତ ପବନ ନ ଥିଲା ! ବନି ବାହାରକୁ ବାହାରୁ ନାହିଁ। ଏ ପବନରେ ଥଣ୍ଡା ଧରୁଛି। ପଚାରିଲା "ବୋଉଲୋ ! ଖରା ସହିହେଉ ନ ଥିଲା ବୋଲି ଘରେ 'ଏସି' ଲଗାଉଥିଲୁ। ତା' ପବନ ବି ଥିଲା ଏମିତି କୁଲ୍‌କୁଲ୍ ଥଣ୍ଡା ଥଣ୍ଡା। ସେତେବେଳେ ଘରେ ରହିବାକୁ କହୁଥିଲୁ। ବାହାରେ ଖରା ହେଉଛି କହି ବୁଝେଇ ଦେଉଥିଲୁ। ଆଜି ଘର ବାହାର ସବୁଆଡ଼େ ଥଣ୍ଡା ପବନ ବହୁଛି। ଏସି ବନ୍ଦ। ଏମିତି କେଉଁ 'ଏସି' କିଏ ଲଗେଇ ଦେଇଛି ଯେ ଥଣ୍ଡାରେ ଦେହ ଥରିଯାଉଛି ?"

ବନିବୋଉ କିଛିକହି ନ ପାରି ସ୍ୱେଟରଟିଏ ବନିକୁ ପିନ୍ଧେଇ ଦେଲେ ଓ ତା' ମୁଣ୍ଡରେ ଉଲ୍‌ର ଟୋପି ପିନ୍ଧେଇ ଦେଲେ। କହିଲେ, 'ବାହାରେ ଭାରି ଥଣ୍ଡା....ବାହାରକୁ ଯିବୁ ନାହିଁ।'

ବନି କିଛି ବୁଝିପାରୁ ନ ଥିଲା। ବୋଉ ସବୁବେଳେ ଆକଟ କରୁଛି, ବାହାରକୁ ଯିବୁ ନାହିଁ। ବର୍ଷାହେଲା ଯେ... କହିଲା ବାହାରକୁ ଯିବୁ ନାହିଁ। ଖରାଦିନେ ସେଇ ଗୋଟିଏ କଥା। ଏବେ ଶୀତରେ ବି ବାହାରକୁ ଯିବା ମନା।

ବାହାରକୁ ନ ଗଲେ କେମିତି ଜାଣିବ କୁଲ୍‌କୁଲ୍ ପବନ କେଉଁ ଏସିରୁ କେମିତି ଆସୁଛି। କେମିତି ଚିହ୍ନିବ 'ଏସି' କମ୍ପାନୀର ନାଁ। କୁଲକୁଲିଆ ପବନକୁ ଜେଜେ କହୁଛନ୍ତି 'ଇଏ ଶୀତ ପବନ'।

ଘରେ ଲାଗିଥିବା 'ଲଏଡ' ଏସିକୁ ବନି ଚିହ୍ନିସାରିଛି। ବଜାର ଗଲେ ଦୋକାନମାନଙ୍କରେ ଏସି ଲାଗିଛି। ମଲ୍‌ମାନଙ୍କରେ ବି ଭଳିକିଭଳି ଏସି। ଭୋଲ୍‌ଟାସ, ଡାଇକିନ, ମିତ୍‌ସୁବିଶି, 'ପାନାସୋନିକ' – କେତେକେତେ ଏସି। ଏତେପ୍ରକାର ଏସି ଦେଖି ସେ ଖୁସି ହେଇଯାଏ।

ଶୀତୁଆ ସକାଳ। କଅଁଳିଆ ଖରା। ଖରା ପୁଇଁବାକୁ ବାହାରକୁ ଗଲେ କେହି ବାରଣ କରୁନାହାନ୍ତି। ବେଶି ସମୟ ଖରାରେ ବସିଲେ ଖରାକାଟେ। ଛାଇକୁ ଗଲେ ଶୀତଲାଗେ। ବଡ଼ ବିଚିତ୍ର ଏ ଶୀତ ସମୟ।

ଖରା ପୁଇଁବାବେଳେ ବନି ସୂର୍ଯ୍ୟଙ୍କୁ ଚାହିଁଲା। ସୂର୍ଯ୍ୟଙ୍କର ଖରାଦିନିଆ ତେଜ ନାହିଁ। ପଚାରିଲା, "ସୂର୍ଯ୍ୟ ସାର୍..! ଖରା ଦିନେ ଆପଣ ତତଲା ପବନ ବୁହାଇ




ଦେଉଥିଲେ। ଆପଣଙ୍କ ଭଳି ଏ ଶୀତ ପବନ କିଏ ବୁହାଇ ଦେଉଛି ? କହିବେକି ?"

ବନିର ଗୁରୁମା କହନ୍ତି ସୂର୍ଯ୍ୟକିରଣ ଆମ ଏ ପୃଥିବୀକୁ ବଞ୍ଚେଇ ରଖିଛି। ସକଳଶକ୍ତିର ଆଧାର ସୂର୍ଯ୍ୟ। ତେଣୁ ବନି ସୂର୍ଯ୍ୟଙ୍କୁ ମନେମନେ ସାର୍ ବୋଲି ଡାକେ।

ସୂର୍ଯ୍ୟ ହସି ଦେଲେ। କହିଲେ, "ମୁଁ ତ ଆଲୁଅ ପିଣ୍ଡଟିଏ। ମୋ ପରି ଥଣ୍ଡା ସୂର୍ଯ୍ୟ ବି ନାହିଁ। ତୁ ଏବେ ମୋଠାରୁ ଦୂରେଇ ଯାଇଛୁ ତ ତେଣୁ ଖରା ତେଜ କାଟୁନାହିଁ।'

ବନି ଆବାକ୍ ହୋଇ କହିଲା, "ମୁଁ ଯେଉଁଠି ଅଛି, ସେଇଠି ତ ଅଛି ! କାହିଁ ଦୂରକୁ ତ ଯାଇ ନାହିଁ ?"

ସୂର୍ଯ୍ୟ କହିଲେ, "ତୁ ଯେଉଁଠି ଅଛୁ, ସେ ସ୍ଥାନଟି ପୃଥିବୀ ଉପରେ। ପୃଥିବୀ ମୋ ଚାରିପାଖେ ଘୂରେ। ଏବେ ପୃଥିବୀ ମୋଠାରୁ ଦୂରକୁ ଚାଲି ଯାଇଛି। ତୁ ବି ଦୂରରେ ଅଛୁ। ମୋ ପାଖରୁ ଦୂରେଇ ଗଲେ...ମହାଶୂନ୍ୟ ଭିତରଟା ଖୁବ୍ ଥଣ୍ଡା...। ସେଇ ଥଣ୍ଡାରେ ପୃଥିବୀର ପବନ ବି ଥଣ୍ଡା ପଡ଼ି ଯାଇଛି।"ଦେଖିବୁ ପୁଣି ଫେରି ନିକଟେଇ ଆସିବ। "

ବନିକୁ କଥାଟା ଅପସନ୍ଦ ଲାଗିଲା। ଭାବିଲା ପୃଥିବୀ ସୂର୍ଯ୍ୟ ପାଖକୁ ଫେରି ଆସିଲେ – ସୂର୍ଯ୍ୟ ଏ ଶୀତଋତୁ ପରି କଅଁଳିଆ ଖରା ଦେବ ତ !

ସୂର୍ଯ୍ୟ ବନିର ମନକଥା ବୁଝି ଅଳ୍ପ ହସି କହିଲେ, "ମୁଁ ତୋ ମନକଥା ବୁଝିଗଲିଣି ? କହତ, ଯେଉଁମାନେ ତୋ'ଠୁ ଢେର ବଡ଼ ହୋଇ ସାରିଛନ୍ତି ସେମାନେ ଅମାନିଆ ହେଉଛନ୍ତି କାହିଁକି? ବଣ କାଟି ସଫା କରି ଦେଉଛନ୍ତି। ନଦୀ, ଝରଣା ଓ ସମୁଦ୍ରକୁ ଦୂଷିତ କରିଚାଲିଛନ୍ତି। ଯନ୍ତ୍ରମାନ ଗଢ଼ି ଧୂଆଁମୟକରି ଦେଲେଣି ପୃଥିବୀକୁ।"

ବନି ପାଖରେ ଏ ସବୁ ପ୍ରଶ୍ନର ଉତ୍ତର ନ ଥିଲା। କହିଲା, "ସାର୍ ମୁଁ ପିଲାଟିଏ। ମୋ ପ୍ରଶ୍ନର ଉତ୍ତର ପାଇଲି ନାହିଁ। ଯାହା କହିଲେ ସେ କଥା ବଡ଼ହେଲେ ଭାବିବି, ଅନ୍ୟ ସାଙ୍ଗମାନଙ୍କୁ ବି କହିବି। ହେଲେ କୁହନ୍ତୁ ନା କୁଲକୁଲ୍ ଏ ଶୀତୁଆ ପବନ ବୁହାଉଥିବା 'ଏସି'ଟିର ନାଁ କ'ଣ ?"

ସୂର୍ଯ୍ୟ ଦେଖିଲେ ବନିକୁ ସବୁକଥା କହିସାରିଲେଣି। ହେଲେ ସେ ବୁଝିପାରୁ ନାହିଁ। 'ଉତ୍ତରମାଳା' ପରି ଅଳ୍ପରେ କହିଲେ "ତୁ ଖୋଜୁଥିବା 'ଏସି'ର ନାଁ ଉଇଣ୍ଟର।"


ବନି ଘରକୁ ଯାଇ କହିଲା "ବୋଉ ! ଉଇଣ୍ଟର ଏସି ଯୋଗୁ ଚାରିଆଡ଼ ଏତେ ଥଣ୍ଡା !"

ବୋଉ ବନିର କଥା ଶୁଣି କହିଲେ, "ଧନରେ, ସେଇଟି ଇଂରାଜୀ ନାଁ, ମୋ ବୋଉ ମୋତେ କହିଥିଲା ଯେ 'ଶୀତକାଳ'।

**– ରବୀନ୍ଦ୍ରନାଥ ମାଝୀ**
କବିତା ଭବନ, ଜୟଦେବ ବିହାର, ଭୁବନେଶ୍ୱର

## ତୁମ ପତ୍ରିକା ପାଇଁ

**ମୋ ଆଶା:** ତ୍ରୈମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା (ଜାନୁଆରୀ–ମାର୍ଚ୍ଚ)ରେ ରହିଛି ଅଭୁଲା ଦେଶପ୍ରେମ ଗୀତ, ମାଆଙ୍କ ଶିକ୍ଷା, ବିଚରା ମୂଷା, ନିଷ୍କ୍ରିୟ ଗ୍ୟାସ ଆରଗନ, ଶୀତ ଆସିଛି, ଦରକାରୀ ବନ୍ଧୁ ଏବଂ ହାଟ ବଜାର ପରି ରହିଛି କେତୋଟି ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା। ଯୋଗାଯୋଗ– ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ।




# ମତାମତ

➲ ଏଥର ତୁମ ତୂଳୀ ପୃଷ୍ଠାରେ ପ୍ରକାଶିତ ସମସ୍ତ ଚିତ୍ର ବହୁତ ସୁନ୍ଦର ହୋଇଥିଲା।

**– ତୁହିନା ରାଉତ, ବୈପାରୀଗୁଡ଼ା, କୋରାପୁଟ**

➲ ଆଇନା ପୃଷ୍ଠାରେ ଦିବ୍ୟାଂଶୀ ଏବଂ ଲକ୍ଷ୍ମୀପ୍ରିୟାଙ୍କ ଫଟୋ ଭଲ ଲାଗିଥିଲା।

**– ଜନ୍ମେଜୟ ମହାନ୍ତି, ରାଉରକେଲା**

➲ ହାସ୍ୟରସିକ ବିବେକାନନ୍ଦଙ୍କ ପାଠଟିରୁ ତାଙ୍କ ବିଷୟରେ କିଛି କଥା ଜାଣିବାକୁ ମିଳିଲା।

**– ଆୟୁଷ ପାତ୍ର, ବାଲେଶ୍ୱର**

➲ ଜଣା ଅଜଣା ପୃଷ୍ଠାରେ 'ଅଧିକ କ୍ଷୀର ଦେଉଥିବା ଗାଈ' ଏବଂ 'ବିଷାକ୍ତ ଘାସ' ଆଦି କେତେକ ବିଷୟରେ ପଢ଼ି ତା' ସମ୍ପର୍କରେ କିଛି ତଥ୍ୟ ଜାଣିବାକୁ ମିଳୁଛି।

**– ମିତାଲି ରାୟ, ଜିଜିପି କଲୋନୀ, ଭୁବନେଶ୍ୱର**

# ସୂଚନା


ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ପ୍ରଥମ ସ୍ନାନ

ପବିତ୍ର କୁମ୍ଭ ମେଳାରେ ଅମୃତ ସ୍ନାନ ପାଇଁ ଦେଶର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସନ୍ତି। ହେଲେ ଏହି ପବିତ୍ର ସ୍ନାନର ଆରମ୍ଭ କିପରି ହୁଏ ଜାଣନ୍ତି କି! ଅର୍ଥାତ ଏଠାରେ ସର୍ବପ୍ରଥମେ ସ୍ନାନ ଆରମ୍ଭ କରନ୍ତି ନାଗା ସାଧୁ। ସାଧୁସନ୍ଥଙ୍କ ପବିତ୍ର ସ୍ନାନ ପରେ ହିଁ ଆରମ୍ଭ ହୁଏ କୁମ୍ଭମେଳା। ଏହି ଅବସରରେ ପ୍ରୟାଗ ଠାରେ ନାଗା ସାଧୁଙ୍କ ସ୍ନାନର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। କଠୋର ସାଧନା ଓ ଶିବ ଭକ୍ତଭାବେ ପରିଚିତ ଏହି ନାଗା ସନ୍ଥମାନେ ହିଁ ପ୍ରଥମେ ଗଙ୍ଗା ନଦୀରେ ସ୍ନାନ କରି କୁମ୍ଭ ମେଳା ଆରମ୍ଭ କରିଥାନ୍ତି।

ମହା କୁମ୍ଭ ସମୟରେ ଏହି ନାଗା ସାଧୁଙ୍କର ସ୍ୱତନ୍ତ୍ର ସ୍ନାନ ରହିଥାଏ। ସେମାନଙ୍କ କଠୋର ତପସ୍ୟା ଆଧ୍ୟାତ୍ମିକ ଜୀବନ ସମାଜକୁ ଏକ ବିଶେଷ ବାର୍ତ୍ତା ପ୍ରଦାନ କରିଥାଏ। ତେବେ ସାଧୁମାନଙ୍କର ମହାସ୍ନାନ ପରେ ଏଠାରେ ସ୍ନାନ କରି ସାଧାରଣ ଲୋକେ ନିଜକୁ ଅତ୍ୟନ୍ତ ପବିତ୍ର ମନେ କରିଥାନ୍ତି।



# ରଙ୍ଗ ଦିଅ



# ଟ୍ୟୁଶନ ବିନା ପାଠପଢ଼ା



**ପାଠକୁ ଭଲରେ ବୁଝିବା ଆଉ ମନେରଖିବା ପାଇଁ ପିଲାମାନେ ଟ୍ୟୁଶନ ହୁଅନ୍ତି। କିନ୍ତୁ କେତେକଙ୍କ ପାଇଁ ଟ୍ୟୁଶନ ପଢାର ଆବଶ୍ୟକତା ନ ଥାଏ। ନିଜ ଉଦ୍ୟମରେ ବି ସେମାନେ ସଫଳ ହୋଇପାରନ୍ତି। ବିନା ଟ୍ୟୁଶନରେ ପାଠପଢ଼ା ଲାଗି ନିଜକୁ କିଭଳି ପ୍ରସ୍ତୁତି କରିବାକୁ ହେବ ଜାଣନ୍ତୁ ସେ ସମ୍ପର୍କରେ...**

ସ୍କୁଲରେ ପଢ଼ିବା ପାଠକୁ ପିଲାମାନଙ୍କୁ ପୁଣିଥରେ ପଢ଼ିବାର ସୁଯୋଗ ମିଳେ ଟ୍ୟୁଶନରେ। ତେଣୁ ପାଠକୁ ଭଲଭାବେ ବୁଝି ସହଜରେ ମନେରଖିବା ପାଇଁ ସୁଯୋଗ ପାଆନ୍ତି ସେମାନେ। ହେଲେ କେତେକଙ୍କ ପାଇଁ ଟ୍ୟୁଶନର ଆଦୌ ଆବଶ୍ୟକତା ନ ଥାଏ। ବିନା ଟ୍ୟୁଶନରେ ସେମାନେ ବେଶ୍ ସହଜରେ ସବୁ ବିଷୟକୁ ବୁଝି ମନେ ରଖିପାରନ୍ତି। ତେବେ ଏଭଳିଭାବରେ ପାଠ ପଢିବାପାଇଁ ହେଲେ କେତେଗୁଡିଏ ଦିଗପ୍ରତି ଧ୍ୟାନ ଦେବାକୁ ହେବ।

## ପ୍ଲାନିଂ

ବିନା ଟ୍ୟୁଶନରେ ପିଲାମାନେ ଯଦି ସବୁ ପାଠକୁ କରାୟତ୍ତ କରିବାକୁ ଚାହୁଁଥାନ୍ତି ତେବେ ଏକ ସୁଚିନ୍ତିତ ପ୍ଲାନ୍ କରନ୍ତୁ। ପାଠପଢ଼ାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରନ୍ତୁ। କେଉଁ ବିଷୟକୁ କେଉଁ ସମୟରେ ପଢ଼ିଲେ ଭଲ ଲାଗିବ ସେହି ଅନୁସାରେ ସମୟ ବାହାର କରନ୍ତୁ। ପ୍ରତି ବିଷୟ ପଢ଼ିବା ପରେ ଛୋଟ ଛୋଟ ବ୍ରେକ୍ ନିଅନ୍ତୁ। ଏଭଳି କଲେ ସବୁ ବିଷୟ ଉପରେ ଫୋକସ୍ କରିପାରିବେ ଓ ପାଠପଢ଼ାରେ ମନ ବି ଲାଗିବ।

## ପାଠ ବୁଝନ୍ତୁ

କ୍ଲାସ୍‌ରୁମ୍ ପାଠପଢ଼ାରେ ଯଦି ପିଲାମାନେ ଭଲଭାବେ ସବୁ ବିଷୟକୁ ବୁଝିପାରିବେ ତେବେ ଟ୍ୟୁଶନର ଆବଶ୍ୟକତା ପଡି ନ ପାରେ। ତେଣୁ ପାଠକୁ ଘୋଷି ମନେରଖିବା ବଦଳରେ ପ୍ରଥମେ ଭଲଭାବେ ବୁଝିବାକୁ ଚେଷ୍ଟା କରନ୍ତୁ। ପାଠକୁ ଥରେ ବୁଝିଗଲେ ତାହା ମନେରହିଯାଏ ଓ ବାରମ୍ବାର ଘୋଷିବାକୁ ପଡ଼ି ନ ଥାଏ। ପାଠପଢ଼ା ସମୟରେ କୌଣସି ସ୍ଥାନରେ ବି ସନ୍ଦେହ ରହିଲେ ତୁରନ୍ତୁ ଶିକ୍ଷକଙ୍କୁ ପଚାରି ନିଅନ୍ତୁ। ଯଦି କୌଣସି କାରଣରୁ କ୍ଲାସ୍‌ରେ ପୁଣିଥରେ ପ୍ରଶ୍ନ ପଚାରି ବୁଝିବାର ସୁଯୋଗ ନ ମିଳେ ତେବେ କ୍ଲାସ୍ ବାହାରେ ମଧ୍ୟ ଶିକ୍ଷକଙ୍କୁ ପଚାରି ପାରିବେ। ଏହା ବ୍ୟତୀତ ଅନ୍ୟ ପିଲା ଯଦି କେହି ବୁଝିଥାନ୍ତି ତା'ହେଲେ ସେମାନଙ୍କଠାରୁ ବି ବୁଝିପାରିବେ। କିନ୍ତୁ ଅବୁଝା ପାଠକୁ ବୁଝିବା ପାଇଁ ବେଶି ଦିନ ଡେରି କରନ୍ତୁ ନାହିଁ।

## ପ୍ରତିଦିନ ରିଭିଜନ୍

ପ୍ରତିଦିନ ସବୁ ବିଷୟକୁ ରିଭିଜନ୍ କରିବାର ଅଭ୍ୟାସ କରିବା ଭଲ। ଏହା ଦ୍ୱାରା ପାଠ ଭଲଭାବେ ମନେ ରହିଯାଏ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ପରୀକ୍ଷା ସମୟରେ ବି ଆଦୌ ଟେନସନ୍ ଲାଗି ନ ଥାଏ। ତେଣୁ ପ୍ରତି ବିଷୟକୁ ପଢିବା ପରେ ନିଜେ ନିଜେ ରିଭିଜନ୍ କରିବା ଭଳି ପୁଣି ଥରେ ପଢି ଅଭ୍ୟାସ କରି ନିଅନ୍ତୁ। ଆବଶ୍ୟକ ହେଲେ ଘରେ ବଡ ଭାଇ ଭଉଣୀଙ୍କ ସହାୟତାରେ ନିଜକୁ ପ୍ରଶ୍ନ କରି ନିଅନ୍ତୁ। ବର୍ଷସାରା ଏଭଳି ଅଭ୍ୟାସ କରି ପାଠ ପଢିଲେ ଆଉ ଟ୍ୟୁଶନ ହେବାର ଆବଶ୍ୟକତା ନ ଥାଏ।

## ରଚନାତ୍ମକ ଶୈଳୀ

ପାଠ ମନେରଖିବା ପାଇଁ ରଚନାତ୍ମକ ଶୈଳୀ ଆପଣାଇବା ଅଧିକ ଫଳପ୍ରଦ। ଅର୍ଥାତ୍ କୌଣସି ବିଷୟକୁ ରୋଚକ ଶୈଳୀରେ ମନେରଖିଲେ ତାହା ଶୀଘ୍ର ମନେ ରହିଥାଏ। ବିଭିନ୍ନ ଉଦାହରଣ କିମ୍ବା ଖେଳର ଶୈଳୀ ଅବା ଗପ ମାଧ୍ୟମରେ ମଧ୍ୟ ପାଠର ବିଷୟବସ୍ତୁକୁ ବୁଝିହେବ। ସେଭଳି ଢଙ୍ଗରେ ମନେରଖିଲେ ତାହା ଶୀଘ୍ର ମନେ ରହିଥାଏ। ଶିକ୍ଷକମାନେ ବେଳେବେଳେ ଏପରି ଶୈଳୀରେ ପଢାଇଥାନ୍ତି। ତେଣୁ ପାଠପଢା ସମୟରେ ସେହି ଶୈଳୀକୁ ଭଲଭାବେ ବୁଝନ୍ତୁ ଓ ମନେରଖନ୍ତୁ। ଉଦାହରଣ ସ୍ୱରୂପ ସାତଟି ରଙ୍ଗକୁ ମନେ ରଖିବା ପାଇଁ ସବୁ ରଙ୍ଗର ପ୍ରଥମ ଅକ୍ଷରକୁ ସୁନ୍ଦର ଢଙ୍ଗରେ ସଜେଇ ଏକ ଧାଡିରେ ମନେ ରଖିହେବ। ଏଭଳି ବିଭିନ୍ନ ଫର୍ମୁଲା ସବୁକୁ ଶିଖିବା ପାଇଁ ଚେଷ୍ଟା କରନ୍ତୁ। ଏହି ମାଧ୍ୟମରେ ପିଲାମାନେ ଅଧିକ ଆତ୍ମନିର୍ଭର ହେବା ସହିତ ଆତ୍ମବିଶ୍ୱାସକୁ ଦୃଢ କରିପାରିବେ ଓ ସଫଳ ହୋଇପାରିବେ।

## ଏମାନେ କ'ଣ କରନ୍ତି

### ଘରେ ପୁଣି ପଢ଼େ

ସ୍କୁଲରେ ଯାହା ପଢ଼ାହୁଏ ତାକୁ ପୁଣି ଥରେ ଘରେ ସବୁଦିନ ପଢ଼େ। ମାମା ବି ଘରେ ପାଠ ପଚାରେ। ସ୍କୁଲରେ ଯଦି ପାଠ ବୁଝି ପାରି ନ ଥାଏ ତା'ହେଲେ ପୁଣି ଥରେ ସାର୍‌ଙ୍କୁ ପଚାରେ। ବେଳେବେଳେ କ୍ଲାସ୍‌ରେ ପ୍ରଶ୍ନ ପଚାରିବାକୁ ସମୟ ହୁଏନି। ଘରକୁ ଆସିଲେ ମାମାକୁ ପଚାରି ବୁଝିଦିଏ। ଥରେ ଥରେ ସାଙ୍ଗମାନଙ୍କୁ ବି ପଚାରି ବୁଝେ। ଅବଶ୍ୟ ସବୁ ବିଷୟ ପ୍ରଥମେ ବାରମ୍ବାର ପଢ଼େ। ତା'ପରେ ଧୀରେ ଧୀରେ ପାଠ ବୁଝି ହୋଇଯାଏ। ତେଣୁ ଏପର୍ଯ୍ୟନ୍ତ ଟ୍ୟୁଶନ ହେବାର ଆବଶ୍ୟକ ହୋଇନି।



**–ତ୍ରିପୁରବିଜୟୀ ମହାନ୍ତି**

କ୍ଲାସ–୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସତ୍ୟବିହାର, ଭୁବନେଶ୍ୱର


### ପରେ ଟ୍ୟୁଶନ ହେବି

ଘରେ ସବୁବେଳେ ମୋ ପାଠପଢ଼ା ଉପରେ ଦିଦିର ନଜର। କ୍ଲାସରେ କଣ ପଢାହୁଏ ସିଏ ସବୁବେଳେ ମତେ ପଚାରେ। ହୋମ୍‌ୱାର୍କ କରିଲି କି ନାହିଁ ଦେଖେ। ଆମେ ଦି'ଜଣ ଏକାଠି ଘରେ ପଢୁ। ସବୁ ବିଷୟରେ ସିଏ ଏତେ ଥର ପଚାରେ ଯେ ମୋର ଟ୍ୟୁଶନ ହେବାର ଆଦୌ ଆବଶ୍ୟକ ହୋଇ ନ ଥାଏ। ବାରମ୍ବାର ପ୍ରଶ୍ନ ପଚାରିବା ଦ୍ୱାରା ମୋର ଆପେ ଆପେ ରିଭିଜନ୍ ହେବା ଭଳି ମନେ ରହିଯାଏ। ମତେ ଆଉ ବେଶି ପରିଶ୍ରମ କରିବାକୁ ପଡେନି। କାରଣ ସିଏ ସବୁବେଳେ ମତେ ପଢିବା ପାଇଁ ମନେ ପକାଇଦିଏ। ଏବେ ତ ମୋର ଅଧିକ ସମୟ ପଢ଼ିବା ଦରକାର ହେଉନି। ତେଣୁ ନବମ ଶ୍ରେଣୀରୁ ଟ୍ୟୁଶନ ହେବି ବୋଲି ଭାବୁଛି।



**– ଅମ୍ରିତା ସ୍ୱାଇଁ**

କ୍ଲାସ– ୭, ଡ. ଦେବମହାନ୍ତି ପବ୍ଲିକ ସ୍କୁଲ, ନିଶ୍ଚିନ୍ତକୋଇଲି, କଟକ









୧
ଓମ୍ କୃଷ୍ଣ ସାହୁ
କ୍ଲାସ୍- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରମୁଣ୍ଡା ଭୁବନେଶ୍ୱର



୨
ଦିବ୍ୟାଂଶୀ ମିଶ୍ର
କ୍ଲାସ୍- ୨, ରାମଜାସ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ନୂଆଦିଲ୍ଲୀ



୩
ଆରାଧ୍ୟା ରଣା
କ୍ଲାସ୍- ୩, ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ, ଦାମୋଦରପୁର, ମୋତିଗଞ୍ଜ, ବାଲେଶ୍ୱର



୪
ଦ୍ୱିଜେଶ ଦୌଶିକ ଦାଶ
କ୍ଲାସ୍- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧, ଭୁବନେଶ୍ୱର



୫
ଅଭିଜିତ୍ ପଣ୍ଡା
କ୍ଲାସ୍- ୭, ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର



୬
ଦେବହୁତି ବରଦାଲକ୍ଷ୍ମୀ ରାଉତ
କ୍ଲାସ୍- ୧, ଦୀପ୍ତି କନ୍‌ଭେଣ୍ଟ ସ୍କୁଲ, ରାୟଗଡ଼ା



୭
ସୋମ୍ୟାରାଣୀ ପ୍ରଧାନ
କ୍ଲାସ୍- ୩, ଜ୍ଞାନ ଭାରତୀ ଗୁରୁକୁଳ, ଜଗଦଲପୁର, ବରଗଡ଼



୮
ଦିବ୍ୟାଂଶ ଶତପଥୀ
କ୍ଲାସ୍-୨, ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦୀପ



୯
ସାଦ୍ୟାନ୍ତ ଶତପଥୀ
କ୍ଲାସ୍-୬, ମଦର୍ସ ପବ୍ଲିକ ସ୍କୁଲ, ପୁରୀ



୧



୨




୩



୪



୫



୬



୭



୮



୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଏକତ୍ର ନୃତ୍ୟ



ସବୁ ରାଜ୍ୟରେ ଭିନ୍ନ ଭିନ୍ନ ଲୋକନୃତ୍ୟ ରହିଛି। ରାଜ୍ୟର ବିଭିନ୍ନ ସାଂସ୍କୃତିକ ଉତ୍ସବ ସମୟରେ ଏହି ସବୁ ନୃତ୍ୟ ଆୟୋଜନ କରାଯାଇଥାଏ। ତେବେ ଜମ୍ମୁକଶ୍ମୀରର ଏହିଭଳି ଏକ ନୃତ୍ୟକୁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଜମ୍ମୁକଶ୍ମୀର ବାରମୂଳା ଜିଲାର ଯୁବତୀମାନେ ଏକତ୍ର ହୋଇ ଏକ ନୃତ୍ୟକଳା ପ୍ରଦର୍ଶନ କରିଥିଲେ ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏହି ଅଞ୍ଚଳର ମୋଟ ୧୦,୦୦୦ ଯୁବତୀ ଏକାଠି ହୋଇ ଗୋଟିଏ ସ୍ଥାନରେ ଏହି ନୃତ୍ୟରେ ଭାଗ ନେଇଥିଲେ। ଏଭଳି ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ଭାରତୀୟ ସେନାର ଡାଗର ଡିଭିଜନ୍, ପୁନିତ ବାଲାନ୍ ଗ୍ରୁପ୍ ଓ ବାରମୂଳା ଜିଲା ପ୍ରଶାସନ। ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରିବା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏଭଳି ଏକ ନୃତ୍ୟ ଆୟୋଜନ କରାଯାଇଥିଲା।

# ଏଥରର ?

- ମଗଧ ସାମ୍ରାଜ୍ୟ କିଏ ପ୍ରତିଷ୍ଠା କରିଥିଲେ ?
- ଜୈନଧର୍ମର ପ୍ରତିଷ୍ଠାତା ?
- ଲୁଣ ଉପରେ କର ବସାଇବାକୁ ବିରୋଧ କରି ମହାତ୍ମା ଗାନ୍ଧୀ କେଉଁ ପଦଯାତ୍ରା କରିଥିଲେ ?
- ଅହିଂସା ଆନ୍ଦୋଳନ କେଉଁ ମସିହାରେ ଆରମ୍ଭ ହୋଇଥିଲା ?
- ଲେମ୍ବୁ ଓ କମଳାରେ କେଉଁ ଭିଟାମିନ୍ ପ୍ରଚୁର ପରିମାଣରେ ରହିଛି ?

## ଗତଥରର ଉ ତ୍ତ ର

- ଲାକ୍ଷାଦ୍ୱୀପ
- ୭୮ ପ୍ରତିଶତ
- ୩୬୬ ଦିନ
- ବାଷ୍ପୀୟକରଣ
- ନେତାଜୀ ସୁଭାଷ ବୋଷ

# କବିତା



## ଝୁରୁଛି ତାଙ୍କୁ ଏ ଦେଶ

ମୁକ୍ତ କରିବାକୁ ଭାରତମାତା
ରକ୍ତ ଦିଅ ଦେବି ମୁଁ ସ୍ୱାଧୀନତା
ଯାହାଙ୍କ ଆହ୍ୱାନ ଥିଲା
ତାଙ୍କ ନେତୃତ୍ୱରେ ଆଜାଦ ହିନ୍ଦ୍
ଫଉଜ ଗଠନ ହେଲା ।
ଦେଖି ପରାଧୀନ ଭାରତ ଛବି
ବିଦେଶୀଙ୍କ ଡରେ ନ ଥିଲେ ଦବି
ପଣ ଥିଲେ ସିଏ କରି
ବୁହାଇବା ଲାଗି ମୁକତିର ଗଙ୍ଗା
ଇଂରେଜଙ୍କୁ ଦେଶୁ ତଡ଼ି ।
ଗାନ୍ଧିଜୀଙ୍କ ଦେଶପ୍ରେମ ମହକ
ଭରିଦେଲା ତାଙ୍କ ପ୍ରାଣେ ପୁଲକ
ତାଙ୍କ ସେବା ତ୍ୟାଗ ଦେଖି
ଜାତିର ଜନକ ବୋଲି ତାଙ୍କୁ ସିଏ
ଥିଲେ ଆଦରରେ ଡାକି ।
ଲକ୍ଷ୍ୟ ଦୁହିଁଙ୍କର ଥିଲା ସମାନ
ହଟାଇବାକୁ ଫିରିଙ୍ଗି ଶାସନ
ମାର୍ଗ ଥିଲାଟି ଅଲଗା
ଗାନ୍ଧୀଙ୍କ ନୀତିକୁ ବିରୋଧ କଲାରୁ
ପଡ଼ିଲା ତାଙ୍କୁ ମହଙ୍ଗା ।
ଭାରତମାତାର ସେ ଯୋଗ୍ୟ ସୁତ
ରହସ୍ୟ ଘେରରେ ତାଙ୍କ ଦେହାନ୍ତ
ନାଆଁ ନେତାଜୀ ସୁଭାଷ
ତାଙ୍କ ଦେଶପ୍ରେମ ବୀରପଣ ଲାଗି
ଝୁରୁଛି ତାଙ୍କୁ ଏ ଦେଶ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

## ଲାଗୁଛି ଭାରି ଶୀତ

କହିଲା କୁନି ଶୁଣୁ ବୋଉ
ଲାଗୁଛି ଭାରି ଶୀତ
ଖାଇବାକୁ ତୁ ଦବୁଟି ମତେ
ଗରମ ଗରମ ଭାତ ।
ଭାତରେ ତୁ ପକେଇ ଦବୁ
ଟିକିଏ ଗାଈ ଘିଅ
ଗରମ ଡାଲି,ଭଜା, ତରକାରୀ
ଦବୁକି ନାହିଁ କହ !
ବୋଉ କହିଲା ଶୁଣୁ କୁନି
ହୋଇଲେ ଭଲ ପିଲା
ଯାହା କହିବୁ ତାହା ମୁଁ ଦେବି
କରିବିନି ତ ଡିଲା ।
କୁନି କହିଲା କହୁଛି ସତ
ଭଲ ପିଲା ମୁଁ ହେବି
ଶୀତ ଲାଗୁଛି ଖାଇବାକୁ ଦେ'
ତୋ କଥା ସବୁ ମାନିବି ।

**– ଅନୁଲିପ୍ସା ମିଶ୍ର**
ମୋ: ୯୯୩୮୪୦୦୨୦୫

## ଆମ ପ୍ରିୟ ନେତାଜୀ

ଭାରତ ମାତାର ସୁଯୋଗ୍ୟ ସନ୍ତାନ
ହେ ସୁଭାଷ ଚନ୍ଦ୍ର ବୋଷ,
ପ୍ରଭାବତୀ ଦେବୀ ଜନନୀ ତୁମର
ପିତା ଜାନକୀନାଥ ବୋଷ।
ଅଠରଶ' ସତାନବେ ଜାନୁଆରୀ
ତେଇଶ ତାରିଖ ଦିନ,
କଟକ ନଗର ଓଡ଼ିଆ ବଜାରେ
କରିଲ ଜନ୍ମଗ୍ରହଣ।
ବିଲାତରୁ ଆଇସିଏସ୍ ପାସ୍ କରି
ଲଭିଲ ଉଚ୍ଚ ସମ୍ମାନ,
ଦେଶସେବା ପାଇଁ ସେ ପଦବୀକୁ
କରିଦେଲ ପ୍ରତ୍ୟାଖ୍ୟାନ।
କଂଗ୍ରେସର ସଭାପତି ହୋଇଥିଲ
କରିଲ କାରାବରଣ,
ବିଦେଶୀଙ୍କୁ ଦେଶୁଁ ତଡ଼ିବାକୁ କଲ
'ଆଜାଦ୍ ହିନ୍ଦ୍' ଫୌଜ ଗଠନ।
ତୁମଠାରୁ ସୃଷ୍ଟି 'ଜୟ ହିନ୍ଦ୍' ଶବ୍ଦ
ହେ ଆମ ପ୍ରିୟ ନେତାଜୀ,
ଅମ୍ଳାନ ତୁମର ସ୍ୱ-ଦେଶ ପ୍ରୀତିକୁ
ଝୁରୁଛି ଭାରତ ଆଜି।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

ମକର କ୍ରାନ୍ତିରୁ କର୍କଟ କ୍ରାନ୍ତି
ସୂର୍ଯ୍ୟ ତେଜିୟାନ ହୋଇଯାଆନ୍ତି।
ଫସଲ କଟା ସରି ଯାଇଛି
ଖୁସିର ଆସର ବଢ଼ି ଯାଇଛି।
ଚାଷୀ ଭାଇର କେତେ ଆନନ୍ଦ
ମଣ୍ଡା କାକରା ଖିରି କରେ ପ୍ରସାଦ।
ମହମହ ବାସନା ନୂଆ ଧାନର ଚାଉଳ
ଖିରି, ମହୁ, ଗୁଡ଼ ଦିଆ ପ୍ରସ୍ତୁତ ଘୋଳ।

## ଚାଷୀର ଖୁସି

ରାଗ ଖେଚୁଡ଼ି ଡାଲମା ଖଟା
ନୂଆ ଫସଲରୁ ଆରକୁ ଆର ମିଠା।
ସାଇଁ ସାଇଁ ନଈ ଛୁଇଁ ଯାଏ କାଗଜ ଗୁଡ଼ି
ଶାନ୍ତି, ମୈତ୍ରୀ ବାର୍ତ୍ତା ଆଳାପରେ ଯିବା ବୁଡ଼ି।

**–ସୁକାନ୍ତି ପ୍ରଧାନ**
ନୀଳଚକ୍ର ଆପାର୍ଟମେଣ୍ଟ, ଭୁବନେଶ୍ୱର
ମୋ : ୮୪୦୯୦୪୧୦୧

## କହିଲ ଦେଖି



ଜାନୁଆରୀ ମାସ ତେଇଶି ଦିନ
ତାଙ୍କ ଜନ୍ମଦିନ ହୁଏ ପାଳନ
ଦେଖି ସେ ଗୋରା ଶାସନ
ବାପୁ ସହ ମିଶି ଦେଶ ମାଆ ପାଇଁ
ଲଢ଼ିଥିଲେ ରାତି ଦିନ
କଟକରେ ସିଏ ଜନମି ଥିଲେ
କହିଦିଅ ତାଙ୍କ ନାମଟି ପିଲେ !

ଉତ୍ତର– **ସୁଭାଷ ଚନ୍ଦ୍ର ବୋଷ**



ବୋଷ ପରିବାରେ ନେଲେ ଜନମ
ଦେଶ ମାତୃକାର ରଖିଲେ ମାନ
ଦିଲ୍ଲୀ ଚଲୋ ନାରା ଥିଲା ତାଙ୍କର
ସ୍ୱାଧୀନତା ପାଇଁ ଥିଲେ ଆତୁର
ତାଙ୍କ ରଣନୀତି ପାଇଁ ଭାରତ
ବିଶ୍ୱ ଦରବାରେ ହେଲା ବିଖ୍ୟାତ
ତାଙ୍କ ପାଇଁ ଦେଶ ହେଲା ଆଜାଦୀ
ତାଙ୍କୁ ମିଳିଥିଲା କେଉଁ ଉପାଧି ।


ଉତ୍ତର– **ନେତାଜୀ**



ବାଲ୍ୟ କାଳୁ ଦେଖି ଗୋରା ଶାସନ
ସୁଭାଷ କରିଲେ ଜୀବନେ ପଣ
ସଂଗ୍ରାମୀଙ୍କ ସହ ହୋଇ ଏକତ୍ର
ଫୌଜି ହେବା ପାଇଁ ରଖିଲେ ବ୍ରତ
ସ୍ୱାଧୀନତା ପାଇଁ ଆଶା ବାନ୍ଧିଲେ
ଫୌଜ ଦଳଟିଏ ସିଏ ଗଢ଼ିଲେ
ଏବେ କହିଦିଅ ହୋଇ ହରଷ
ଫୌଜ ଦଳଟିର ନାମଟି କିସ ।

ଉତ୍ତର– **ଆଜାଦ ହିନ୍ଦ୍ ଫୌଜ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୫୩୪୩୪୬



## ଦାମୀ ଦ୍ୱୀପ

**ଦ୍ୱୀ**ପ ବା ଆଇଲାଣ୍ଡ କ'ଣ ଦାମୀ ହୋଇପାରେ ? ଚାରିପଟରେ ସମୁଦ୍ରର ନୀଳ ଜଳରାଶି ଆଉ ତା' ଭିତରେ ସ୍ଥଳଭାଗ। ପ୍ରାକୃତିକ ସୌନ୍ଦର୍ଯ୍ୟର ଭରା ଅନନ୍ୟ ସ୍ଥାନ। ତେବେ ଫିଲିପାଇନ୍ସରେ ଏଭଳି ଏକ ଦ୍ୱୀପ ଅଛି, ଯେଉଁଠି ରହିବାକୁ ହେଉ ଅବା ବୁଲିବାକୁ ଆପଣଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସେହି ଆକର୍ଷଣୀୟ ସ୍ଥାନଟି ହେଉଛି ବନଓ୍ୱା ଦ୍ୱୀପ। ୧୫ ଏକର ପରିମିତ ଜମିରେ ଏହି ଦ୍ୱୀପକୁ ନିର୍ମାଣ କରାଯାଇଛି। ତେବେ ଦୀପର ନିର୍ମାଣ ଶୈଳୀ ଏପରି ହୋଇଛି ଯେ, ଯେଉଁଥିପାଇଁ ଏଠାରେ ପ୍ରାୟ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ଏଠାରେ ଜଣେ ବ୍ୟକ୍ତି ରାତିଏ ରହିଲେ ତାଙ୍କୁ କେତେ ଟଙ୍କା ଦେବାକୁ ପଡ଼ିବ ଜାଣିଛନ୍ତି ? ପାଖାପାଖି ୮୪ ଲକ୍ଷ। ଏହି ଦ୍ୱୀପକୁ ଏକ ମହଙ୍ଗା ରିସର୍ଟ ବୋଲି କୁହାଯାଇଥାଏ। ଏଠାରେ ତିନି ଦିନ ପାଇଁ ୨.୫୦ କୋଟିର ଏକ ପ୍ୟାକେଜ୍ ରହିଛି । ଅର୍ଥାତ୍ ଏହି ସ୍ଥାନକୁ କେବଳ ଧନୀ ବ୍ୟକ୍ତିମାନେ ହିଁ ଯାଇଥାଆନ୍ତି।

## ଅଧିକ କଳକାରଖାନା ଥିବା ରାଜ୍ୟ



**ଗୋଟିଏ** ଦେଶ ହେଉ ଅବା ରାଜ୍ୟର ପ୍ରଗତିରେ କଳକାରଖାନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଠାରେ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଜିନିଷ ଉତ୍ପାଦନ କରାଯାଇଥାଏ। ତା'ସହ ଏଥିରେ ଅନେକ ଲୋକ ନିଯୁକ୍ତ ହୋଇ ରୋଜଗାର କରିଥାନ୍ତି, ଫଳରେ ସେମାନଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ କେତେକାଂଶରେ ଉନ୍ନତି ହୋଇଥାଏ। ଆମ ଦେଶରେ ସବୁ ରାଜ୍ୟରେ କଳକାରଖାନା ରହିଛି। ତେବେ ଏଭଳି ଦୁଇଟି ରାଜ୍ୟ ରହିଛି, ଯେଉଁଠି ଅଧିକ ସଂଖ୍ୟାରେ କଳକାରଖାନା ଅଛି। ସେହି ରାଜ୍ୟଦ୍ୱୟ ହେଲା, ତାମିଲନାଡୁ ଏବଂ ଗୁଜରାଟ। କେବଳ ତାମିଲନାଡୁରେ ପାଖାପାଖି ୩୮,୮୩୭ଟି କଳକାରଖାନା ରହିଛି। ଏହି ସଂଖ୍ୟା ଯୋଗୁ ଉକ୍ତ ରାଜ୍ୟକୁ ଭାରତର ସର୍ବାଧିକ କଳକାରଖାନା ଥିବା ରାଜ୍ୟ ଭାବରେ ଗଣନା କରାଯାଏ। ଏହା ପର ସ୍ଥାନରେ ଅଛି ଗୁଜରାଟ। ଏହି ରାଜ୍ୟରେ ପ୍ରାୟ ୨୮,୪୭୯ଟି କଳକାରଖାନା ରହିଛି।


## ବିଷାକ୍ତ ଗ୍ୟାସ୍

**ବାୟୁ**ମଣ୍ଡଳରେ ବିଭିନ୍ନ ପ୍ରକାର ଗ୍ୟାସ୍ ରହିଛି। ସେଗୁଡ଼ିକ ହେଲା ନାଇଟ୍ରୋଜେନ, ଅକ୍ସିଜେନ ବା ଅମ୍ଳଜାନ, ଆର୍ଗନ ଏବଂ କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ। ସେଥିମଧ୍ୟରୁ ଅମ୍ଳଜାନ ଆମ ପାଇଁ ବେଶ୍ ଜରୁରୀ। ଅନ୍ୟପକ୍ଷରେ ଗଛଲତାଙ୍କ ପାଇଁ ଅଙ୍ଗାରକାମ୍ଳ ଗ୍ୟାସର ଆବଶ୍ୟକତା ରହିଛି। ତେବେ ବାୟୁମଣ୍ଡଳରେ ଏଭଳି ଏକ ଗ୍ୟାସ୍ ରହିଛି, ଯାହାକୁ ଯଦି ଆମେ ଶ୍ୱାସକ୍ରିୟାରେ ନେବା, ତେବେ ତାହା ବିପଦପୂର୍ଣ୍ଣ ହୋଇଥାଏ। ଯଦି ଆମେ ଶ୍ୱାସକ୍ରିୟାରେ ନାଇଟ୍ରୋଜେନ ଗ୍ୟାସ୍ ନେବା, ତେବେ ତାହା ଶରୀରରେ ଅମ୍ଳଜାନ ପରିମାଣକୁ ହଠାତ୍ କମାଇଦିଏ, ଯଦ୍ୱାରା ଜଣେ ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥାଏ। ଯେହେତୁ ଗଛଲତା ଏବଂ ପ୍ରାଣୀ ଶ୍ୱାସକ୍ରିୟାରେ ଏହି ଗ୍ୟାସକୁ କିଛି ପରିମାଣରେ ନେଇଥାଆନ୍ତି, ତେଣୁ ବାୟୁମଣ୍ଡଳରେ ଏହି ଗ୍ୟାସ୍ ସବୁବେଳେ ସନ୍ତୁଳିତ ଅବସ୍ଥାରେ ରହିଥାଏ।




## ରୁମ୍ ହିଟର ବ୍ୟବହାର କରୁଥିଲେ..

**ଏ**ବେ ତ ଶୀତ ଦିନ ଚାଲିଛି। ଅନେକ ସ୍ଥାନରେ ଏହାର ପ୍ରବଳ ପ୍ରକୋପ ରହିଥାଏ। ଶୀତରୁ ରକ୍ଷା ପାଇବା ପାଇଁ ଆମେ ଶୀତବସ୍ତ୍ର ପିନ୍ଧିବା ସହ ରାତିରେ ଶୋଇବା ବେଳେ ରେଜେଇ କିମ୍ବା କମ୍ବଳ ଘୋଡାଇ ହେଉ। କିନ୍ତୁ ବେଡ୍ ରୁମ୍‌କୁ ଉଷୁମ ରଖିବାର ଆଉ ଏକ ଉପାୟ ରହିଛି। ତାହା ହେଲା ରୁମ୍ ହିଟର। ଏହାକୁ ଇଲେକ୍ଟ୍ରିରେ ସଂଯୋଗ କଲେ ସେଥିରୁ ବାହାରୁଥିବା ଉତ୍ତାପ ରୁମ୍‌କୁ ଉଷୁମ ରଖେ। ଫଳରେ ଜଣେ ବ୍ୟକ୍ତି ଶୀତଦିନେ ଆରାମରେ ଶୋଇପାରେ। ହେଲେ ଏଥିରୁ ବାହାରୁଥିବା ଗ୍ୟାସ୍ ଆମ ଶରୀର ପାଇଁ କ୍ଷତିକାରକ ବୋଲି ଜଣାପଡିଛି। ତେଣୁ ଏହାକୁ ରୁମ୍‌ରେ ଲଗାଇବା ପରେ ସେହି ରୁମ୍‌ରେ ଏକ ପାଣି ପୂର୍ଣ୍ଣ ବାଲଟି ରଖିବା ଦରକାର। ଏହାଫଳରେ ଏହି ଗ୍ୟାସ୍ ପାଣି ସଂସ୍ପର୍ଶରେ ଆସିବା ପରେ ମନୁଷ୍ୟ ଶରୀରର କୌଣସି କ୍ଷତି କରି ନ ଥାଏ। ଯଦି ଆପଣ ରୁମ୍ ହିଟ୍‌ର ଲଗାଉଛନ୍ତି, ତେବେ ସେହି ରୁମ୍‌ରେ ଗୋଟିଏ ପାଣି ପୂର୍ଣ୍ଣ ବାଲଟି ରଖିବାକୁ ଭୁଲନ୍ତୁ ନାହିଁ।



# ଆ ଇ ନା





**କ୍ରିଶିଭ୍ ମିଶ୍ର**
୮ ବର୍ଷ/ଭୁବନେଶ୍ୱର

**ଆରାଧନା ଖୁଣ୍ଟିଆ**
୪ ବର୍ଷ/ ଭୁବନେଶ୍ୱର